ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/W.C.D. (OD))/1066/18-01-2021**

# ବିଶିଷ୍ଟ ଶ୍ରମିକ ନେତା ଲଳିତ ନାୟକଙ୍କ ପରଲୋକରେ
# ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର ୧୮/୦୧/୨୦୨୧

ବଲାଙ୍ଗୀର ଜିଲ୍ଲାର ବିଶିଷ୍ଟ ଶ୍ରମିକ ନେତା ତଥା ସମାଜସେବୀ ଲଳିତ ନାୟକଙ୍କ ପରଲୋକରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

ଏକ ଶୋକବାର୍ତ୍ତାରେ ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି, ଛାତ୍ର ଜୀବନରୁ ରାଜନୀତି ସହ ସମ୍ପୃକ୍ତ ଶ୍ରୀ ନାୟକ ଅସାଧାରଣ ସାଂଗଠନିକ ଦକ୍ଷତା, ଜନସେବା ମନୋଭାବ, ଲୋକକଲ୍ୟାଣକାରୀ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାବାସୀଙ୍କ ଅତି ଆଦରଣୀୟ ଥିଲେ । ପ୍ରାୟ ୪୦ ରୁ ଊର୍ଦ୍ଧ୍ୱ ସାମାଜିକ ସଂଗଠନ ସହ ସମ୍ପୃକ୍ତ ରହି ଜିଲ୍ଲାର ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେଇ ଆସୁଥିଲେ । ଜଣେ ତୁଙ୍ଗ ଶ୍ରମିକ ନେତା ଭାବେ ତାଙ୍କର ନେତୃତ୍ୱରେ ଜିଲ୍ଲାର ଶ୍ରମିକମାନଙ୍କ ସର୍ବାଙ୍ଗୀନ ବିକାଶ ସାଧିତ ହୋଇ ଆସୁଥିଲା । ରକ୍ତଦାନ ମାଧ୍ୟମରେ ଜୀବନ ରକ୍ଷା ଭଳି ଏକ ମହତ କାର୍ଯ୍ୟକୁ  ସେ ଜିଲ୍ଲାରେ ଏକ ଆନ୍ଦୋଳନରେ ପରିଣତ କରିଥିଲେ ଏବଂ ତାଙ୍କ ଉଦ୍ୟମରେ ଜିଲ୍ଲାରେ ରକ୍ତଦାନ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ତାଙ୍କର ଅକାଳ ପରଲୋକ ମତେ ଗଭୀର ଭାବେ ମର୍ମାହତ କରିଛି ଏବଂ ଜିଲ୍ଲାବାସୀଙ୍କ ପାଇଁ ମଧ୍ୟ ଅପୂରଣୀୟ କ୍ଷତି ସାଧନ କରିଛି ।

ମନ୍ତ୍ରୀ ଶ୍ରୀମତୀ ସାହୁ ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ